# ହୃଦୟଲୋକ

## ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଅଭିନନ୍ଦନ ଗ୍ରନ୍ଥ



Scanned with OKEN Scanner

# ହୃଦୟଲୋକ

## ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଷଷ୍ଟିପୂର୍ତ୍ତି ଅଭିନନ୍ଦନ ଗ୍ରନ୍ଥ


**ସଂପାଦକ:**

ଡ. ଶରତ କୁମାର ଜେନା

**ସୌଜନ୍ୟ ସଂପାଦକ:**

ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ

**ସଂପାଦନା ମଣ୍ଡଳୀ:**

ଡ. କୁଳମଣି ଓଝା, ଡ. ହୃଷୀକେଶ ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ

**ଆୟୋଜକ:** ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଅଭିନନଦନନ ସମିତି

**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର

**ମୁଦ୍ରଣ:** ଏଥେନା ବୁକ୍ସ, ଭୁବନେଶ୍ୱର

**ପ୍ରଥମ ପ୍ରକାଶ:** ଅକ୍ଟୋବର ୨୦୨୧

ମୂଲ୍ୟ: ୫୦୦/- ଟଙ୍କା ମାତ୍ର


**HRUDAYALOKA**

**(A Man of Heart)**

Compendium of Felicitations for Prof. Devi Prasanna Patnaik


**Editor :**

Dr. Sarat Kumar Jena

**Guest Editor :**

Dr. Sidharth Sankar Padhy

**Editorial Board :**

Dr. Kulamani Ojha, Dr. Hrusikesh Panda, Dr. Manoranjan Bisoyi

Organised by: Prof. Devi Prasanna Paatnaik Abhinandan Samiti

**Publisher-** : Athena Books, Bhubaneswar

**Printer** : Athena Books, Bhubaneswar

**First Publication** : October 2021

Price : 500/-

ISBN 13 978-93-80824-20-8


Scanned with OKEN Scanner

# ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ପ୍ରେରଣାଦାତା

ଡ. ରାମାରାଓ ମାଝୀ

ପରମ ପୂଜନୀୟ ଗୁରୁଦେବ ଦେବୀପ୍ରସନ୍ନ ପଟ୍ଟନାୟକ । ସାରଙ୍କ ସହ ପ୍ରଥମ ସାକ୍ଷାତ୍ ହୋଇଥିଲା ୨୦୦୫ ମସିହା ବ୍ରହ୍ମପୁର ସହରର ବିଜିପୁର ସ୍ଥିତ ନିଛାଟିଆ ଗଳି କନ୍ଦରରେ ଅବସ୍ଥିତ ମୋର ଭଡ଼ାଘରେ ବନ୍ଧୁମାନଙ୍କ ଗହଣରେ । ମୋ ଭଳି ଜଣେ ସାଧାରଣ, ଅଜ୍ଞ, ଅଗୋଚରଙ୍କ ଗୃହରେ ସାରଙ୍କ ପଦାର୍ପଣ ଅବିଶ୍ୱସନୀୟ, ଅବାସ୍ତବ ମନେ ହେଉଥିଲେ ହେଁ ସତ୍ୟ । ମୁଁ କଳ୍ପନାନୀତ, ବହୁ ସମୟ ଧରି ଏ କଥାକୁ ବିଶ୍ୱାସ କରିପାରି ନଥିଲି । କିଛି ସମୟ ପରେ ସାର୍ ଧୀରେ ଧୀରେ ମୋ ଦେହରେ ହାତ ଦେଇ କହିଲେ, ତୁମ ନାମ କ'ଣ? ତୁମେ କ'ଣ କରୁଛ? ମୋର ଉତ୍ତର ପାଇସାରିବା ପରେ ସାର୍ କହିଲେ ତୁମେ କ'ଣ ପିଜି କରିବ? ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲି । ମନ ଭିତରେ ଅନେକ ଉତ୍କଣ୍ଠା । ମୋର ଦୀନହୀନ ଅବସ୍ଥାରେ ସାରଙ୍କ ସାନ୍ତ୍ୱନାମୂଳକ ଆଶ୍ୱାସନା ମୋ ଭିତରେ ପ୍ରେରଣା ଯୋଗାଇଥିଲା । ଏହି ଆଶ୍ୱାସନାର ଫଳ ସ୍ୱରୂପ ମୁଁ ପିଜି, ଏମ୍.ଫିଲ୍. ପିଏଚ୍.ଡି. ଏବଂ ୟୁ.ଜି.ସି. ନେଟ୍ ପାଇବାରେ ସଫଳ ହୋଇପାରିଲି । ଏତଦ୍ବ୍ୟତୀତ ସ୍ନାତକୋତ୍ତର ଓଡ଼ିଆ ବିଭାଗ ତରଫରୁ ଦୁଇଥର ୨୦୧୨, ୨୦୧୩ Research Scholar for outstanding Research publicastion (for Humanities stream) ପୁରସ୍କୃତ ହୋଇଥିଲି ।

ମୋର ମନେ ହୁଏ ଯେତେବେଳେ ପି.ଜି. ଦ୍ୱିତୀୟ ବର୍ଷ ଶେଷ ସେମିଷ୍ଟାର୍ (୨୦୦୯) ପରୀକ୍ଷା ହେବାର ଥାଏ ; ସେହି ସମୟରେ ସହପାଠିନୀ ଭଗବତୀ ନାୟକଙ୍କ (ପ୍ରସୂତି) ନିମନ୍ତେ ପି.ଜି. ଶେଷ ସେମିଷ୍ଟାର୍ ପରୀକ୍ଷା ବାତିଲ୍ କରିବା ପାଇଁ ଆମେ ସମସ୍ତେ ଦାବି କରିଥିଲୁ । ମିଶ୍ର ସାର୍, ସ୍ୱାଇଁ ସାର୍ ସମେତ ସମସ୍ତ ସାରଙ୍କୁ ପରୀକ୍ଷା ହଲରୁ ବର୍ଜନ କରିଥିଲୁ । ସେମାନେ ଆମକୁ ଯେତେ ବୁଝାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବୁଝିବାର କ୍ଷମତା ଆମର ନଥିଲା । ଏକଥା ଯେତେବେଳେ ଦେବୀସାରଙ୍କ କର୍ଣ୍ଣପାତ ହୋଇଥିଲା । ସେ ସଙ୍ଗେ ସଙ୍ଗେ ପରୀକ୍ଷା ହଲକୁ ଆସି ଆମ ଭବିଷ୍ୟତ ସମ୍ପର୍କରେ ସତର୍କ ସୂଚନା ଦେଇ ଆମମାନଙ୍କୁ ପରୀକ୍ଷା ଦେବା ପାଇଁ ରାଜି କରାଇଥିଲେ । ଫଳସ୍ୱରୂପ ବିଶ୍ୱବିଦ୍ୟାଳୟ ଇତିହାସରେ ମାତ୍ର ୧୩ ଦିନ ମଧ୍ୟରେ ପି.ଜି. ଶେଷ ସେମିଷ୍ଟାର୍ ପରୀକ୍ଷା ଫଳ ବାହାର କରାଯାଇ ୟୁଜିସି ନୂତନ ଧାରା ଅନୁଯାୟୀ ଆମେ ଏମ୍.ଫିଲ୍. ଏଣ୍ଟ୍ରାନ୍ସ ଦେବାରେ ସକ୍ଷମ ହୋଇପାରିଲୁ । ଯଦିଓ ଆମେ ସେହିଦିନ ୪ର୍ଥ ସେମିଷ୍ଟାର୍ ପରୀକ୍ଷା ଦେଇନଥା'ନ୍ତୁ, ତେବେ ୨୦୦୯ ଏମ୍.ଫିଲ୍. ପଞ୍ଜୀକରଣରୁ ବଞ୍ଚିତ ହୋଇ ଲକ୍ଷ୍ୟସ୍ଥଳରୁ ଉଭେଇ ଯାଆନ୍ତୁ ।

Scanned with OKEN Scanner

ମହାଭାରତରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଭାଗବତବାଣୀ ହିତୋପଦେଶ ସ୍ୱରୂପ ସାର୍‌ଙ୍କ ବହୁ ମୂଲ୍ୟ ସୂଚନା ଆମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ବିଶେଷ ସହାୟକ ହୋଇଥିଲା ।

ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ୍ ଜିଲ୍ଲା, ମେଳିୟାପୁଟି ମଣ୍ଡଳସ୍ଥ ଏକ ନିଛାଟିଆ ପଦ୍ଦା ପାଡୁ ଗ୍ରାମରେ ମୋର ଅବସ୍ଥିତି । ବିଚ୍ଛିନ୍ନାଞ୍ଚଳରୁ ଆସିଥିବା ମୋ ଭଳି ଅନେକଙ୍କୁ (ବୃନ୍ଦାବନ ଦଳାଇ, ଡ. ଜଗନ୍ନାଥ ବିଷୋୟୀ, ଦୁର୍ଯ୍ୟୋଧନ, ମୋହନ, ରାଜୁ, ଶଙ୍କର, ଶ୍ରୀରାମମାଧବ) ସାର୍‌ଙ୍କ ଅଭୟ ହସ୍ତ ଆଜି ଶିକ୍ଷାକ୍ଷେତ୍ରରେ ବିଭିନ୍ନ ସ୍ଥାନରେ ଅବତୀର୍ଣ୍ଣ କରିଛି । ସାର୍ ସବୁବେଳେ ଗୋଟିଏ କଥା କହନ୍ତି, "ମନୁଷ୍ୟ ଯେତେ ଉଚ୍ଚସ୍ଥାନକୁ ଗଲେ ମଧ୍ୟ ତା'ର ଅତୀତକୁ ମନେ ରଖିବା ଉଚିତ୍ । ଏ ଶରୀର, ଏ ପଦବୀ, କେବଳ ନିମିତ୍ତ ମାତ୍ର । ଏହା ସୌହାର୍ଦ୍ଦ୍ୟ ସ୍ଥାପନ କରିପାରେ ନାହିଁ; ବରଂ ଅହଙ୍କାର ବୃଦ୍ଧି କରି ଶତ୍ରୁତା ବଢ଼ାଏ । ଯଦି ପାରୁଛ ଜୀବନକାଳ ମଧ୍ୟରେ ସାହାଯ୍ୟ ସହଯୋଗ କରି ବଞ୍ଚିବା ପାଇଁ ଚେଷ୍ଟା କର । ଅବଶ୍ୟ ସାହାଯ୍ୟ ନ କରିପାର ପଛକେ ବିପଦରେ ପକାଇବା ପାଇଁ ଚେଷ୍ଟା କର ନାହିଁ । କହିବା ଆଗରୁ ନିଜେ କରି ଦେଖାଇବା ସାର୍‌ଙ୍କ ଏହା ଏକ ଉତ୍ତମ ଲକ୍ଷଣ । ସେଥି ପାଇଁ ସେ ଦେବୀପ୍ରସନ୍ନ ଅର୍ଥାତ୍ (ଦେବୀ) ଠାକୁରାଣୀଙ୍କ ସଦୃଶ ପ୍ରସନ୍ନ ହୋଇ ଦେବେ ପଛକେ କାହା ଠାରୁ ନେବେ ନାହିଁ । ସାର୍ ଥରେ ଯାହାକୁ ବିଶ୍ୱାସ କରନ୍ତି, ତାଙ୍କ ପାଇଁ ସବୁବେଳେ ତାଙ୍କ ଦ୍ୱାର ଖୋଲାଥାଏ । ଅବିଶ୍ୱାସ ଅଦୂରରୁ ଅପସରିଯାଏ । ମୁଁ ଅନେକ ଥର ସାର୍‌ଙ୍କ ସହ ରାସ୍ତାରେ ଗଲା ବେଳେ ଦେଖିଛି, ସେ କେତେବେଳେ ପାନଦୋକାନୀର ଭାଇନା, ପରିବା ଦୋକାନୀର ବନ୍ଧୁ ତଥା ବିଶ୍ୱବିଦ୍ୟାଳୟରେ, ପ୍ରଫେସର୍ ଇତ୍ୟାଦି । ଅର୍ଥାତ୍ ସାର୍ ସବୁବେଳେ ସାଧାରଣ ବ୍ୟକ୍ତି ରୂପେ ପରିଚାଳିତ ହେଇଥା'ନ୍ତି । ଫଳତଃ ସମସ୍ତଙ୍କ ହୃଦୟରେ ଚିରସ୍ମରଣୀୟ ହୋଇ ରହିଛନ୍ତି ।

ଆଜି ବିଚ୍ଛିନ୍ନାଞ୍ଚଳର ପ୍ରତ୍ୟେକ ସରକାରୀ କନିଷ୍ଠ ମହାବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟ ସାର୍‌ଙ୍କ ଅଗଣିତ ଛାତ୍ରଙ୍କ ଦ୍ୱାରା ପରିଚାଳିତ । ଏଣୁ ମୁଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରେ, ହେ ପ୍ରଭୁ କଳାଶ୍ରୀମୁଖ ! ମୋର ପୂଜ୍ୟ ଗୁରୁଦେବଙ୍କ ଅବଶିଷ୍ଟ ଜୀବନ ସୁଖମୟ ହେଉ, ସେ ଆହୁରି ଅନେକ ଖ୍ୟାତି ଉପାର୍ଜନ କରନ୍ତୁ ।

■

ଅଧ୍ୟାପକ, ଓଡ଼ିଆ ବିଭାଗ,
ସରକାରୀ କନିଷ୍ଠ ମହାବିଦ୍ୟାଳୟ, ଇଚ୍ଛାପୁର (ଆ.ପ୍ର.)

Scanned with OKEN Scanner